# ଆଜିର ସାହିତ୍ୟ ଉପଦେଶମୂଳକ ହୋଇପାରିବନି



## ରାଷ୍ଟ୍ରପତି ଭବନରେ ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ସମ୍ମିଳନୀ

■ ନୂଆଦିଲ୍ଲୀ, ତା୨୯।୫

ସାହିତ୍ୟ ଏକାଡେମୀ ଓ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ?' ଶୀର୍ଷକ ଦୁଇ ଦିନିଆ ସାହିତ୍ୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଆୟୋଜିତ ଏହି ସମ୍ମିଳନୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦଘାଟନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ୧୪୦ କୋଟି ଦେଶବାସୀ ବିଶିଷ୍ଟ ଆମ ପରିବାରରେ ଅନେକ ଭାଷା ଓ ଅଗଣିତ ଉପଭାଷା ଅଛି। ଆମ ସାହିତ୍ୟିକ ପରମ୍ପରାରେ ଅସୀମ ବିବିଧତା ରହିଛି। କିନ୍ତୁ ଏହି ବିବିଧତାରେ ଭାରତୀୟତାର ସ୍ପନ୍ଦନ ଅନୁଭୂତ ହୁଏ। ଭାରତୀୟତାର ଏହି ଭାବନା ଆମ ଦେଶର ସାମୂହିକ ଚେତନାରେ ସନ୍ନିହିତ ହୋଇ ରହିଛି। ମୁଁ ବିଶ୍ୱାସ କରେ ଯେ ସବୁ ଭାଷାରେ ଲିଖିତ ସାହିତ୍ୟ ହିଁ ମୋର ସାହିତ୍ୟ। ଗୋପବନ୍ଧୁ ଦାସ, ରବିନ୍ଦ୍ରନାଥ ଠାକୁର, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ପ୍ରତିଭା ରାୟଙ୍କ ଦୃଷ୍ଟାନ୍ତ ଦେଇ ସେ କହିଲେ ଯେ ଆଜିର ସାହିତ୍ୟ ଉପଦେଶମୂଳକ ହୋଇପାରିବ ନାହିଁ। ସାହିତ୍ୟରୁ ପ୍ରେରଣା ନେଇ ମଣିଷ ସ୍ୱପ୍ନ ଦେଖେ ଏବଂ ସେଗୁଡ଼ିକୁ ସାକାର କରେ। ସମାଜ ଓ ସାମାଜିକ ଅନୁଷ୍ଠାନ ବଦଳିବା ସହ ଆହ୍ୱାନ ଓ ପ୍ରାଥମିକତାରେ ପରିବର୍ତ୍ତନ ହୋଇଛି। ସାହିତ୍ୟରେ ମଧ୍ୟ ସମାନ ପରିବର୍ତ୍ତନ ଦେଖାଦେଇଛି। କିନ୍ତୁ ସ୍ଥାୟୀ ମାନବିକ ମୂଲ୍ୟବୋଧର ପ୍ରତିଷ୍ଠା ହିଁ କାଳଜୟୀ ସାହିତ୍ୟର ପରିଚୟ।

ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ସାହିତ୍ୟ ହେଉଛି ସମାଜ ତଥା ସାମାଜିକ ଭାବନାର ଦର୍ପଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଆମ ଦେଶ ସାଂସ୍କୃତିକ ପୁନରୁତ୍ଥାନର ଏକ ପର୍ଯ୍ୟାୟ ଦେଇ ଗତି କରୁଛି। ଏପରି ପରିସ୍ଥିତିରେ ସାହିତ୍ୟିକ ସ୍ରଷ୍ଟାଙ୍କ ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ।

କାର୍ଯ୍ୟକ୍ରମ ଆରମ୍ଭରେ ସଂସ୍କୃତି ମନ୍ତ୍ରାଳୟର ସ୍ୱତନ୍ତ୍ର ସଚିବ ଓ ଅର୍ଥ ପରାମର୍ଶଦାତା ରଞ୍ଜନା ଚୋପ୍ରା କହିଲେ, ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସାହିତ୍ୟ ଏକାଡେମୀ ଏକ ଅଗ୍ରଣୀ ଓ ପ୍ରଭାବଶାଳୀ ଅନୁଷ୍ଠାନ। ଗତ କିଛି ବର୍ଷ ମଧ୍ୟରେ ଏକାଡେମୀ ଅନେକ ରେକର୍ଡ ସ୍ଥାପନ କରିଛି ଏବଂ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ସମ୍ମିଳନୀ ଏକାଡେମୀର ବିଶେଷ ସକ୍ରିୟତାର ଏକ ଉଲ୍ଲେଖନୀୟ ଉଦାହରଣ।

ସାହିତ୍ୟ ଏକାଡେମୀର ଅଧ୍ୟକ୍ଷ ମାଧବ କୌଶିକ ରାଷ୍ଟ୍ରପତି ଓ କେନ୍ଦ୍ରମନ୍ତ୍ରୀ ଶେଖାୱତଙ୍କୁ ଅଙ୍ଗବସ୍ତ୍ର ଓ ପୁସ୍ତକ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଉଦଘାଟନୀ ଅଧିବେଶନ ପରେ 'ସିଧା ଦିଲ୍ ସେ: କବି ସମ୍ମିଳନୀ' ଅନୁଷ୍ଠିତ ହୋଇଥିଲା। ପ୍ରସିଦ୍ଧ ଉର୍ଦ୍ଦୁ କବି ଶୀନ କାଫ୍ ନିଜାମ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ସାହିତ୍ୟ ଏକାଡେମୀ ଅଧ୍ୟକ୍ଷ ଶ୍ରୀ କୌଶିକ ବିଶିଷ୍ଟ ଅତିଥି ଭାବରେ ଉପସ୍ଥିତ ଥିଲେ। ରଣଜିତ ଦାସ (ବଙ୍ଗଳା), ମାମଙ୍ଗ ଦାଇ (ଇଂରାଜୀ), ଦିଲୀପ ଝାଭେରୀ (ଗୁଜରାଟୀ), ଅରୁଣ କମଲ (ହିନ୍ଦୀ), ମହେଶ ଗର୍ଗ (ହିନ୍ଦୀ), ଶାଫି ଶୌକ (କାଶ୍ମିରୀ), ଦମୟନ୍ତୀ ବେଶ୍ରା (ସାନ୍ତାଳୀ) ଓ ରବି ସୁବ୍ରମଣ୍ୟମ୍ (ତାମିଲ) ପ୍ରମୁଖ କବି କବିତା ପାଠ କରିଥିଲେ। ଆରମ୍ଭରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ କବିମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଅଳକା ସିହ୍ନା ଅଧିବେଶନକୁ ପରିଚାଳନା କରିଥିଲେ।